# NATIONAL NEWS BULLETIN (ODIA)

## 23 June 2026

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ର ପ୍ରଥମ ନୀତି ଆଧାରରେ ବିଶ୍ୱସ୍ତରରେ ଭାରତ ଏକ ପ୍ରଗତିଶୀଳ ଏବଂ ନିର୍ଭରଯୋଗ୍ୟ ରାଷ୍ଟ୍ରରେ ପରିଣତ ହୋଇପାରିଛି, କହିଲେ ପ୍ରଧାନମନ୍ତ୍ରୀ ।
- ନୂଆଦିଲ୍ଲୀରେ ଆଜି ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ୨୦୨୬ ପ୍ରଦାନ କରିବେ ରାଷ୍ଟ୍ରପତି ।
- ଉତ୍ତରପ୍ରଦେଶ ଆଲିଗଞ୍ଜ କୋଚିଂ ସେଣ୍ଟର ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ।
- ଜାତୀୟ କୃଷି ସମବାୟ ବିପଣନ ସଂଘ – ନାଫେଡ୍‌ର ନିଲାମ୍ ପୋର୍ଟାଲ୍‌କୁ ଆଜି ଶୁଭାରମ୍ଭ କରିବେ ସମବାୟ ମନ୍ତ୍ରୀ ।

ଏବଂ

- ଏଫ୍.ଆଇ.ଏଚ୍. ପ୍ରୋ ପୁରୁଷବର୍ଗ ହକି ଲିଗ୍‌ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଜି ଖେଳାଯିବ ଉଦ୍‌ଘାଟନୀ ମ୍ୟାଚ୍ ।

# ପିଏମ୍-ରିପବ୍ଲିକ୍ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ରାଷ୍ଟ୍ର ପ୍ରଥମ ନୀତି ଆଧାରରେ ବିଶ୍ୱ ସ୍ତରରେ ଭାରତକୁ ଏକ ଦ୍ରୁତ ପ୍ରଗତୀଶୀଳ, ବିଶ୍ୱସନୀୟ ଏବଂ ନିର୍ଭର ଯୋଗ୍ୟ ରାଷ୍ଟ୍ରରେ ପରିଣତ କରିଛି । ନୂଆଦିଲ୍ଲୀରେ ଏକ ଘରୋଇ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଆୟୋଜିତ ସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଦେଶର ସଫଳତା ବିଶ୍ୱାସ, ସ୍ଥିରତା ଏବଂ ବ୍ୟାପକ ବିଶ୍ୱ କଲ୍ୟାଣ କ୍ଷେତ୍ରରେ ଅଙ୍ଗୀକାରବଦ୍ଧତାକୁ ପ୍ରତିଫଳନ କରୁଛି । ଜି-୭ ଶିଖର ସମ୍ମିଳନୀ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱ ନେତୃବୃନ୍ଦ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ କରିବା ନେଇ ଭାରତ ଅଙ୍ଗୀକାରବଦ୍ଧତାକୁ ସ୍ୱୀକାର କରିଛନ୍ତି ।

ଏହି ଚିନ୍ତାଧାରା ଦେଶର ନୀତି ଏବଂ ବିକାଶକୁ ରୂପରେଖ ପ୍ରଦାନ କରିପାରୁଛି । ୧୨ ବର୍ଷର କାର୍ଯ୍ୟକାଳ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ସ୍ୱଚ୍ଛ ଭାରତ, ମେକ୍ ଇନ୍ ଇଣ୍ଡିଆ, ଖଦି ସାମଗ୍ରୀର ପ୍ରୋତ୍ସାହନ ଏବଂ ସ୍ଥାନୀୟ ଉତ୍ପାଦନ ପାଇଁ ସମର୍ଥନ ଭଳି ପଦକ୍ଷେପ ବେଶ୍ ସଫଳ ହୋଇଛି । ଦେଶର ନାଗରିକ ରାଷ୍ଟ୍ର ନିର୍ମାଣର ଭାବନାକୁ ଗ୍ରହଣ କରିଛନ୍ତି ବୋଲି ଏଥିରୁ ପ୍ରମାଣିତ ହେଉଥିବା ଶ୍ରୀ ମୋଦୀ କହିଛନ୍ତି ।

**V/O1-PM-MODI**

ଶ୍ରୀ ମୋଦୀ କହିଛନ୍ତି, ଇତିମଧ୍ୟରେ ପ୍ରାୟ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି । ଫଳରେ ଦେଶରେ ଏକ ନୂଆ ମଧ୍ୟବିତ ଶ୍ରେଣୀ ଆର୍ବିଭୂତ ହେବା ସହ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ମଧ୍ୟବିତ ବର୍ଗଙ୍କୁ ସଶକ୍ତ କରିବା ପାଇଁ ସରକାର ପ୍ରାଥମିକତାର ସହ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । 'ସ୍ୱାମୀହ' ପାଣ୍ଠି ଭଳି ଯୋଜନା ଅଟକି ରହିଥିବା ଆବାସ ନିର୍ମାଣ ପ୍ରକଳ୍ପଗୁଡ଼ିକୁ ଶେଷ କରିବାରେ ସହାୟକ ହୋଇଛି । ଡିଜିଟାଲ୍ ପ୍ରଶାସନ, ସରଳୀକୃତ ଟିକସ ବ୍ୟବସ୍ଥା, ଅନୁପାଳନ ବୋଝକୁ ହ୍ରାସ କରିବା ସହ ସ୍ୱଚ୍ଛତାକୁ ଉନ୍ନତ କରିଛି । ବନ୍ଦେ ଭାରତ, ନମୋ ଭାରତ ଏବଂ ଅମୃତ ଭାରତ ଟ୍ରେନ୍ ଗୁଡ଼ିକ ରେଳ ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣିପାରିଛି ।

ଭିତ୍ତିଭୂମି ବିକାଶ ଦ୍ୱାରା ଦେଶର ସଡ଼କ ଯୋଗାଯୋଗ, ବିମାନ ବନ୍ଦର ତଥା ସଂଯୋଗୀକରଣ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିପାରିଛି । ଜନଔଷଧୀ କେନ୍ଦ୍ର ମାଧ୍ୟମରେ ଲୋକଙ୍କ ପାଖରେ ସୁଲଭ ମୂଲ୍ୟରେ ଔଷଧ ପହଞ୍ଚିବା ସହିତ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ବରିଷ୍ଠ ନାଗରିକଙ୍କୁ ଗୁଣବତ୍ତା ସମ୍ପନ୍ନ ସେବା ପ୍ରଦାନ କରାଯାଇପାରୁଛି । ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି ସତ୍ତ୍ୱେ ଭାରତ ବ୍ୟାପକ ସୁଯୋଗ ସୃଷ୍ଟି କରିପାରୁଛି । ଯୁବବର୍ଗ, ଉଦ୍ୟୋଗୀ, ନବସୃଜନକାରୀ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ଏସବୁ ସୁଯୋଗର ଉପଯୋଗ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ।

## ପଦ୍ମ ଆୱାର୍ଡସ୍-ପ୍ରେସିଡେଣ୍ଟ

ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ୨୦୨୬ ପ୍ରଦାନ କରିବେ । ଏହି ପର୍ଯ୍ୟାୟରେ ୬୫ଜଣଙ୍କୁ ସମ୍ମାନିତ କରାଯିବ । ସେଥିମଧ୍ୟରେ ଦୁଇଟି ପଦ୍ମ ବିଭୂଷଣ, ୭ଟି ପଦ୍ମ ଭୂଷଣ ଏବଂ ୫୬ଟି ପଦ୍ମଶ୍ରୀ ଅନ୍ତର୍ଭୁକ୍ତ । ବିଶିଷ୍ଟ ଟେନିସ୍ ଖେଳାଳି ବିଜୟ ଅମୃତ ରାଜ, ଚଳଚ୍ଚିତ୍ର ଅଭିନେତା ମାମୁଟି, ପ୍ରଚ୍ଛଦପଟ୍ଟ ଗାୟିକା ଅଲକା ୟାଗ୍ନି ଏବଂ କ୍ରିକେଟ୍‌ର ରୋହିତ ଶର୍ମା ପ୍ରମୁଖ ଅଛନ୍ତି । ଗଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ଘୋଷିତ ୧୩୧ଟି ପଦ୍ମ ପୁରସ୍କାର ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ପୁରସ୍କାର ସମାରୋହ ପୂର୍ବରୁ ଅନୁଷ୍ଠିତ ହୋଇସାରିଛି । କଳା, ସାମାଜିକ କାର୍ଯ୍ୟ, ସାର୍ବଜନିତ ବ୍ୟାପାର, ବିଜ୍ଞାନ ଏବଂ ବୈଷୟିକ, ବାଣିଜ୍ୟ ଏବଂ ଶିଳ୍ପ, ଔଷଧ, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡ଼ା ଓ ନାଗରିକ ସେବା ଭଳି ବିଭିନ୍ନ ବିଭାଗରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ତିନୋଟି ବର୍ଗ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥାଏ ।

## ମଷ୍ଟ ଆନାଉନ୍ସମେଣ୍ଟ- ପଦ୍ମ

ଆକାଶବାଣୀ ପକ୍ଷରୁ 'ଲୋକଙ୍କ ପଦ୍ମ' ଶୀର୍ଷକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଛି । ଏହି ଧାରାବାହିକରେ ପଦ୍ମ ପୁରସ୍କାର

ପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ଜୀବନୀ ଓ କାର୍ଯ୍ୟ ଉପରେ ଆଲୋକପାତ କରାଯାଉଛି ।

କାର୍ଯ୍ୟକ୍ରମ ଗୁଡ଼ିକ ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍‌ରେ ପ୍ରସାରିତ ହେବ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଉପଲବ୍ଧ ହେବ ।

## ଲକ୍ଷ୍ନୌ ଫାୟାର୍

ଉତ୍ତରପ୍ରଦେଶ ଆଲିଗଞ୍ଜ ସ୍ଥିତ ପୁରନିଆ କୋଚିଂ ସେଣ୍ଟର ଅଗ୍ନିକାଣ୍ଡ ଘଟଣାରେ ଶିକ୍ଷାର୍ଥିଙ୍କ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶରେ ଲକ୍ଷ୍ନୌ ବିକାଶ ପ୍ରାଧିକରଣ, ଅଗ୍ନିସମ ବିଭାଗ ଏବଂ ବିଦ୍ୟୁତ୍ ବିଭାଗର ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି । ଉତ୍ତରପ୍ରଦେଶ ଅଗ୍ନିସେବା ଆଇନ୍‌ଧାରା ଏବଂ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଆଲିଗଞ୍ଜ ପୁଲିସ୍ ପକ୍ଷରୁ କଥିତ ୬ ଜଣ ଅଭିଯୁକ୍ତ ଏବଂ ଅନ୍ୟ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି । ଇତିମଧ୍ୟରେ ୪ ଜଣଙ୍କୁ ଗିରଫ୍ କରାଯାଇଛି । ଅଗ୍ନିକାଣ୍ଡ ଘଟିଥିବା କୋଠାକୁ ସିଲ୍ କରିଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ

୨୦୧୬ ମସିହାରେ ଅନଧିକୃତ ନିର୍ମାଣ ଆଧାରରେ କୋଠାଟିକୁ ଭାଙ୍ଗି ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

କିନ୍ତୁ ଦୁଇ ମକାସ ତଳେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିବା ଜଣାପଡ଼ିଛି । ରାଜ୍ୟ ସରକାର ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏସ୍.ଆଇ.ଟି. ଗଠନ କରାଯିବା ସହ ୭ ଦିନ ମଧ୍ୟରେ ରିପୋର୍ଟ୍ ଦାଖଲ କରିବାକୁ କୁହାଯାଇଛି । ଘଟଣାରେ ଆହତ ୯ ଜଣ ଛାତ୍ରଙ୍କୁ ଲକ୍ଷ୍ନୌର କେ.ଜି.ଏମ୍.ୟୁ.ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଶ୍ୱାସରୁଦ୍ଧ ଯୋଗୁଁ ଅଧିକାଂଶର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

## ଏନ୍ଏସ୍ଏ ଡୋଭାଲ୍

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଚୀନ୍‌ର ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟିଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗ ଉପରେ ଉଭୟଙ୍କ ମଧ୍ୟରେ ମତବିନିମୟ ହୋଇଥିବା ଜଣାପଡ଼ିଛି । ନୂଆଦିଲ୍ଲୀରେ ଚାଲିଥିବା ଷୋଡ଼ଶତମ ବ୍ରିକ୍ସ ଜାତୀୟ ସୁରକ୍ଷା ପରାମର୍ଶଦାତା  ବୈଠକ ପରିପ୍ରେକ୍ଷୀରେ ଏହି ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ଗଠନ ମୂଳକ, ସ୍ଥିର ଏବଂ ପୂର୍ବାନୁମାନ ଯୋଗ୍ୟ ଦ୍ୱିପାକ୍ଷିକ ସମ୍ପର୍କ ଉଭୟ ଦେଶ ମଧ୍ୟରେ ବିଶ୍ୱାସ ଓ ଉତ୍ତମ

ବୁଝାମଣାକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ଡୋଭାଲ ଆଶାବ୍ୟକ୍ତ କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଏବେ ଗତିଶୀଳ ହେଉଥିବା ବିକାଶ ଉପରେ ପାରସ୍ପରିକ ବୁଝାମଣା ନେଇ ଶ୍ରୀ ଡୋଭାଲ ଏବଂ ଚୀନ୍ ବୈଦେଶିକ ମନ୍ତ୍ରୀ ଓ୍ୱାଙ୍ଗ୍ ୟିଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ହୋଇଛି । ୨୦୨୦ ମସିହାରେ ଗଲଓ୍ୱାନ୍ ଉପତ୍ୟକା ସଂଘର୍ଷ ଏବଂ ଏହା ପରେ ୪ ବର୍ଷରୁ ଅଧିକ ସମୟ ଧରି ଉଭୟ ଦେଶର ସେନାଙ୍କ ମଧ୍ୟରେ ସୃଷ୍ଟ ମୁହାଁମୁହିଁ ପରିସ୍ଥିତି ପରେ ଭାରତ ଓ ଚୀନ୍ ଦ୍ୱିପାକ୍ଷିକ ସମ୍ପର୍କକୁ ପୁନଃ ସୁଦୃଢ଼ କରିବା ନେଇ ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ଜୟସ୍ୱାଲ ସୂଚନା ଦେଇଛନ୍ତି ।

## ଶାହା-ପୋର୍ଟାଲ୍ ଲଞ୍ଚ୍

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ଭାରତର ଜାତୀୟ କୃଷି ସମବାୟ ବିପଣନ ସଂଘ – ନାଫେଡ୍‌ର ନିଲାମ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିବେ । ନିଲାମ ପ୍ରକ୍ରିୟାକୁ ଅଧିକ ସଶକ୍ତ ଏବଂ ସ୍ୱଚ୍ଛ ତଥା ଏଥିରେ ପାରଦର୍ଶିତା ଆଣିବାରେ ଏହି ପୋର୍ଟାଲ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ବିଶେଷ କରି କୃଷକ, ସଦସ୍ୟ ସଂଗଠନ ତଥା ଅଂଶିଦାରମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଡିଜିଟାଲ୍ ପ୍ଲାଟ୍‌ଫର୍ମ ନିଲାମ

ସମ୍ପର୍କିତ କାର୍ଯ୍ୟକଳାପ ତଥା ନାଫେଡ୍‌ର ସାମଗ୍ରୀକ କାର୍ଯ୍ୟଶୈଳୀକୁ ସୁ-ସଂହତ କରାଯାଇପାରିବ ।

ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ଶ୍ରୀ ଶାହା ଏହି ଅବସରରେ ନାଫେଡ୍‌ର କେତେକ କୃଷି କୈନ୍ଦ୍ରିକ ତଥା ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ପଦକ୍ଷେପର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ସେଥିମଧ୍ୟରେ କୃଷକମାନଙ୍କର ସନ୍ତାନସନ୍ତତିମାନଙ୍କ ଲାଗି ନାଫେଡ୍ କଲ୍ୟାଣ ବୃତ୍ତି ଯୋଜନା, ଡାଲି ଏବଂ ତୈଳବୀଜ ଶସ୍ୟର ପରିଚାଳନା ଲାଗି ଦୃଷ୍ଟିପୋର୍ଟାଲ୍ ଆଦି ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ‘ସହକାର୍ ସେ ସମୃଦ୍ଧି’ ଦୃଷ୍ଟିକୋଣ ଅନୁଯାୟୀ ଏବଂ ଆଧୁନିକ ଜ୍ଞାନକୌଶଳ ଓ କୃଷିକ କୈନ୍ଦ୍ରିକ ସଂସ୍କାର ମୂଳକ ସ୍ୱଚ୍ଛ ପଦକ୍ଷେପ ମାଧ୍ୟମରେ ସମବାୟ ସଂଗଠନଗୁଡ଼ିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଡିଜିଟାଲ୍ ତଥା କଲ୍ୟାଣ ମୂଳକ ପଦକ୍ଷେପର ଶୁଭାରମ୍ଭ କରାଯାଉଛି ବୋଲି ମନ୍ତ୍ରଣାଳୟ କହିଛି ।

## ଇଣ୍ଡିଆନ୍ ଏମ୍ବାସୀ କାତାର୍

କାତାର୍‌ର ସର୍ବବୃହତ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ବିସ୍ଫୋରଣଜନିତ ଅଗ୍ନିକାଣ୍ଡ ଯୋଗୁଁ ୧୩ ଜଣଙ୍କର ମୃତ୍ୟୁ ହେବା ସହ ୬୬ ଜଣ ଆହତ ହୋଇଛନ୍ତି । ରାସ୍‌ଲାଫାନ୍‌ଠାରେ ଗତ ରବିବାର ରାତି ଘଟିଥିବା ଏହି

ଘଟଣାରେ ୧୨ ଜଣ ଭାରତୀୟ ନାଗରୀକଙ୍କର ମୃତ୍ୟୁ ହୋଇଥିବା କାତାର ସ୍ପଷ୍ଟ କରିଛି । ଦୋହାରେ ଥିବା ଭାରତୀୟ ଦୂତାବାସ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଆହତଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଉଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଦୋହାରେ ଥିବା ଭାରତୀୟ ଦୂତାବାସ ପ୍ରଭାବିତ ଭାରତୀୟ ନାଗରୀକଙ୍କ ପରିବାରବର୍ଗଙ୍କୁ ସହାୟତା ପ୍ରଦାନ ଲକ୍ଷ୍ୟ ନେଇ କାତାର କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି ।

## ଫର୍ଟିଲାଇଜର୍ ସିପ୍‌ମେଣ୍ଟ-ହର୍ମୁଜ୍

ରସାୟନିକ ଓ ସାର ମନ୍ତ୍ରଣାଳୟ କହିଛି, ଭାରତ ଅଭିମୁଖେ ଆସୁଥିବା ଚାରୋଟି ପଣ୍ୟବାହୀ ଜାହାଜ ଗତ ସପ୍ତାହରେ ସଫଳତାର ସହ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଛି । ଏହି ଜାହାଜ ଗୁଡ଼ିକରେ ୟୁରିଆ, ଡାଇ ଆମୋନିୟମ୍ ଫସ୍‌ଫେଟ୍ ଏବଂ ସଲ୍‌ଫର୍ ଆଦି ଆସୁଛି । ଓଡ଼ିଶାର ପାରାଦ୍ୱୀପ, ଗୁଜରାଟର ମୁନ୍ଦ୍ରା ଏବଂ ଆନ୍ଧ୍ରପ୍ରଦେଶର କୃଷ୍ଣପଟନମ୍ ଓ କାକିନାଡ଼ା ବନ୍ଦରରେ ଏହି ଜାହାଜଗୁଡ଼ିକ ପହଞ୍ଚିବ । ଦେଶରେ ସାର

ଆବଶ୍ୟକତାକୁ ଏହା ପୂରଣ କରିବା ସହ ଗଚ୍ଛିତ ସାର ପରିମାଣକୁ ବୃଦ୍ଧି କରିବ ବୋଲି ମନ୍ତ୍ରଣାଳୟ କହିଛି । ଦେଶରେ ମୋଟ୍ ସାର ବିକ୍ରୟ ୧୫୩ଲକ୍ଷ ୪୦ ହଜାର ଟନ୍‌ରେ ପହଞ୍ଚିଛି । ଗତବର୍ଷ ତୁଳନାରେ ଏହା ୧୩ ଲକ୍ଷ ୨୦ ହଜାର ଟନ୍ ବୃଦ୍ଧି ପାଇଥିବା ମନ୍ତ୍ରଣାଳୟ କହିଛି ।

## ଏଫ୍‌ଆଇଏଚ୍ ପ୍ରୋ

ଏଫ୍.ଆଇ.ଏଚ୍. ପୁରୁଷବର୍ଗ ପ୍ରୋ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଜି ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ୨୦୨୪ ମସିହାରେ ଚୀନ୍‌ର ହୁଲୁନ୍‌ବୁଇର୍‌ରେ ଏସୀୟ ଚାମ୍ପିୟାନ୍ସ ଟ୍ରଫି ମୁକାବିଲା ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହା ହେବ ପ୍ରଥମ ମୁକାବିଲା । ସେହି ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ବମିଜୟୀ ହୋଇଥିଲା । ଗତ ୧୦ ବର୍ଷ ମଧ୍ୟରେ ଦୁଇ ଦଳ ପରସ୍ପରକୁ ଭେଟିଥିବା ୧୭ଟି ମ୍ୟାଚ୍ ମଧ୍ୟରୁ ଭାରତ ୧୫ଟି ବିଜୟ ହାସଲ କରିବା ସହ ୨ଟି ମ୍ୟାଚ୍ ଅମିମାଂଶିତ ଭାବେ ଶେଷ ହୋଇଥିଲା ।

# ଫିଫା

ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ଗ୍ରୁପ୍-ଆଇ’ ପର୍ଯ୍ୟାୟ ମ୍ୟାଚ୍‌ରେ ଫ୍ରାନ୍ସ ଏବଂ ଇରାକ୍ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ଆମେରିକା ଫିଲାଡେଲ୍‌ଫିୟା ଠାରେ ଚାଲିଥିବା ମ୍ୟାଚ୍‌ରେ ଖେଳ ମଧ୍ୟଭାଗ ସୁଦ୍ଧା ଫ୍ରାନ୍ସ ୧-୦ ଗୋଲ୍‌ରେ ଆଗୁଆ ରହିଥିଲା । ପୂର୍ବରୁ ଗ୍ରୁପ୍-ଜେ’ ପର୍ଯ୍ୟାୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା’ ଅଷ୍ଟ୍ରିଆକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ଆଜି ନରୱେ ଏବଂ ସେନେଗାଲ୍ ମଧ୍ୟରେ ମ୍ୟାଚ୍ ଜାରି ରହିଥିବା ବେଳେ ଜୋର୍ଡାନ୍ ଓ ଆଲ୍‌ଜେରିଆ ମଧ୍ୟରେ ମ୍ୟାଚ୍ ଖେଳାଯିବ ।